SHREE JAGANNATHA
TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଜୁଲାଇ - ୨୦୨୩ JULY-2023

## ଶ୍ରୀମନ୍ଦିରରେ ଶ୍ରୀବଳଭଦ୍ରଙ୍କ ଜନ୍ମୋତ୍ସବ

ଶ୍ରୀବଳଭଦ୍ରଙ୍କ ଜନ୍ମୋତ୍ସବ ଶ୍ରାବଣ ପୂର୍ଣ୍ଣିମାରେ ଅନୁଷ୍ଠିତ ହୁଏ । ଶ୍ରାବଣ ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା, ରାକ୍ଷୀ ପୂର୍ଣ୍ଣିମା, ଝୁଲଣ ପୂର୍ଣ୍ଣିମା କୁହାଯାଏ । ଏହା ଝୁଲଣ ଯାତ୍ରାର ଅନ୍ତିମ ତିଥି ଅଟେ । ଲୀଳା ଅନୁସାରେ ଶ୍ରୀବଳଭଦ୍ରଙ୍କ ସତରଟି ନାମ ଅମରକୋଷରେ ରହିଛି ଯଥା- ବଳଭଦ୍ର, ପ୍ରଳମ୍ବଘ୍ନ, ବଳଦେବ, ଅଚ୍ୟୁତାଗ୍ରଜ, ରେବତୀରମଣ, ରାମ, କାମପାଳ, ହଳାୟୁଧ, ନୀଳାମ୍ବର, ରୌହିଣେୟ, ତାଳାଙ୍କ, ମୁସଳଲୀ, ହଳୀ, ସଙ୍କର୍ଷଣ, ସୀରପାଣି, କାଳିନ୍ଦୀ ଭେଦନ ଏବଂ ବଳ ।



ଦ୍ୱାପରର ଯୁଗାବତାର ବଳରାମ ପୃଥିବୀର ଭାର ହରଣ କରିବା ପାଇଁ ଅବତରିତ ହୋଇଥିଲେ । ମାତା ଦେବକୀଙ୍କ ସପ୍ତମ ଗର୍ଭରେ ବଳରାମ ଆବିର୍ଭୂତ ହେବା ପରେ ଯୋଗମାୟା ତାଙ୍କୁ ଆକର୍ଷଣ କରି ଗୋକୁଳରେ ନନ୍ଦରାଜଙ୍କ ପତ୍ନୀ ରୋହିଣୀଙ୍କ ଗର୍ଭରେ ପ୍ରବେଶ କରାଇଥିଲେ । ତେଣୁ ତାଙ୍କ ନାମ ହେଲା ସଙ୍କର୍ଷଣ । ସେ ହେଲେ ଶ୍ରୀକୃଷ୍ଣଙ୍କ ଅଗ୍ରଜ । ଶ୍ରୀକୃଷ୍ଣ ଓ ବଳରାମ ନିତ୍ୟ ଅଭିନ୍ନ ଅଟନ୍ତି । ଦୁହେଁ ମିଳିତ ଭାବରେ ଅନେକ ଦିବ୍ୟ ଲୀଳା କରିଥିଲେ । ଶ୍ରୀକୃଷ୍ଣ ପରମ ଚଞ୍ଚଳ ହେଲାବେଳେ ବଳରାମ ଗମ୍ଭୀର, ପରମୋଦାର ଥିଲେ । ସତ୍ୟ ଯୁଗର କନ୍ୟା ରେବତୀଙ୍କ ସହ ତାଙ୍କ ବିବାହ ହୋଇଥିଲା । ପରିଶେଷରେ ସେ ଲୀଳା ସଂବରଣ କରି ସାଗର ତଟରେ ସହସ୍ରଶୀର୍ଷା ସ୍ୱରୂପରେ ଜଳରେ ପ୍ରବେଶ କରିଥିଲେ ।

ଶ୍ରୀମନ୍ଦିରରେ ଶ୍ରାବଣ ପୂର୍ଣ୍ଣିମା ତିଥିରେ ଭୋଗମଣ୍ଡପ ଭୋଗ ପରେ ଶ୍ରୀବିଗ୍ରହମାନଙ୍କର ଚନ୍ଦନ ସର୍ବାଙ୍ଗ ହୋଇ ଦ୍ୱିପ୍ରହର ଧୂପ ବେଶ ଅନୁଷ୍ଠିତ ହୁଏ । ଶ୍ରୀବିଗ୍ରହମାନଙ୍କୁ ତିନିଖଣ୍ଡ ଆଜ୍ଞାମାଳ, ଚାରିଖଣ୍ଡ ପାଟରାକ୍ଷୀ ଓ ଗୁଆର ମାଳି ଲାଗି କରାଯାଏ । ଭିତରେ ପାଣିପଢ଼ି ଶ୍ରୀବଳଭଦ୍ରଙ୍କ ସିଂହାସନ ସମ୍ମୁଖରେ ଷଷ୍ଠୀ ମାର୍କଣ୍ଡୀ ବରୁଣ ପୂଜା ନିମିତ୍ତ ମୁରୁଜ ଠାଆ କରାଯାଏ । ଦ୍ୱିପ୍ରହର ଧୂପ, ଯାତ୍ରାଙ୍ଗୀ ଭୋଗ ତିନି ଜଣ ପୂଜାପଣ୍ଡା ସେବକଙ୍କ ଦ୍ୱାରା ଷୋଡ଼ଶ ଉପଚାର ବିଧିରେ ହୋଇଥାଏ । ପାଣିପଢ଼ି ଧୋ-ପଖାଳ ହେବା ପରେ ବଳଭଦ୍ରଙ୍କ ସମ୍ମୁଖରେ ମଙ୍ଗଳାର୍ପଣ ସାମଗ୍ରୀମାନ ସ୍ଥାପନ କରାଯାଏ । ପୂଜାପଣ୍ଡା ସେବକଙ୍କ ଦ୍ୱାରା ଶ୍ରୀବଳଭଦ୍ରଙ୍କ ବାଡ଼ରେ ମଙ୍ଗଳାର୍ପଣ ହୁଏ । ତତ୍ପରେ ମୁଦିରସ୍ତ, ପତିମହାପାତ୍ର ଓ ପୂଜାପଣ୍ଡା ତିନି ବାଡ଼ରେ ବନ୍ଦାପନା କରନ୍ତି । ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀଙ୍କ ଚଳନ୍ତି ପ୍ରତିମା ଆଜ୍ଞାମାଳ ପ୍ରାପ୍ତ ହୋଇ ଝୁଲଣ ମଣ୍ଡପକୁ ବିଜେ କରନ୍ତି । ଏହାପରେ ପାଳିଆ ଖୁଣ୍ଟିଆ ଶ୍ରୀସୁଦର୍ଶନଙ୍କ ବିଜେ ପାଇଁ ଦଇତାପତିମାନଙ୍କୁ ଡାକିଥାନ୍ତି । ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଗୋଟିଏ ଆଜ୍ଞାମାଳ ଶ୍ରୀସୁଦର୍ଶନଙ୍କୁ ଦେବାପରେ ଦଇତାପତିମାନେ ତାଙ୍କୁ ବିଜେ କରାଇ ଜଗମୋହନରେ ସ୍ଥିତ ଚଉଦୋଳରେ ଅଧିଷ୍ଠିତ କରାଇଥାଆନ୍ତି । ଶ୍ରୀସୁଦର୍ଶନଦେବଙ୍କୁ ପାଟପତନି, ଚୂଳ ଲାଗି କରାଯାଏ । ବିମାନବଡୁ ସେବକମାନେ ଚଉଦୋଳକୁ ଝୁଲଣମଣ୍ଡପ ତଳେ ପହଞ୍ଚାଇବା ପରେ ସେଠାରେ ଶ୍ରୀସୁଦର୍ଶନଙ୍କୁ ସୁବର୍ଣ୍ଣ ଓଡ଼ିଆଣି ଓ ସ୍ୱର୍ଣ୍ଣ ହରଡ଼ମାଳିରେ ଅଳଂକୃତ କରାଯାଏ । ଏହାପରେ ବିମାନବଡୁ ସେବକମାନେ ଶ୍ରୀସୁଦର୍ଶନଙ୍କ ଚଉଦୋଳକୁ ବହନ କରି ମାର୍କଣ୍ଡେଶ୍ୱର ପୀଠସ୍ଥ ଗହ୍ମା ମଣ୍ଡପ ଠାରେ ବିଜେ କରାଇଥାଆନ୍ତି । ସେଠାରେ ସୁଦୁସୁଆର ସେବକ କୁମ୍ଭକାର ବିଶୋଇ ପ୍ରଦତ୍ତ ଚିକିଟା ମାଟିରେ ଶ୍ରୀବଳଭଦ୍ରଙ୍କ ମୂର୍ତ୍ତି ଗଠନ କଲାପରେ ପୂଜାପଣ୍ଡା ତାହାଙ୍କୁ ଜୀବନ୍ୟାସ ପ୍ରଦାନ କରି ତାଙ୍କର ଜାତକର୍ମ କରିଥାଆନ୍ତି । ଜନ୍ମବିଧି, ଜାତକର୍ମ ନୀତି ପରେ ବନ୍ଦାପନା କରାଯାଇ ଶ୍ରୀବଳଭଦ୍ରଙ୍କ ପିତୁଳାକୁ ଜଳରେ ବିର୍ସଜନ କରାଯାଇଥାଏ ।

ଗହ୍ମା ମଣ୍ଡପରେ ନୀତି ସମାପ୍ତ ହେବା ପରେ ବିମାନବଡୁ ସେବକମାନେ ଶ୍ରୀସୁଦର୍ଶନଙ୍କୁ ଭୃଗୁ, ଅଙ୍ଗିରା, କଣ୍ଵ ଋଷିଙ୍କ ଆଶ୍ରମକୁ ବିଜେ ତଥା ନଗର ଭ୍ରମଣ କରାଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାଆନ୍ତି । ଶ୍ରୀସୁଦର୍ଶନଙ୍କ ବାହୁଡ଼ା ବିଜେ ପରେ ରତ୍ନସିଂହାସନକୁ ଧୁଆ ଯାଇଥାଏ । ସୁଦୁସୁଆର ଘରି ବାଡ଼ରେ ମହାସ୍ନାନ ପୂଜାଠା କଲାପରେ ଘରିଜଣ ପୂଜାପଣ୍ଡା ସେବକ ମହାସ୍ନାନ ପୂଜା କରିଥାଆନ୍ତି । ମହାସ୍ନାନ ନୀତି ପରେ ପାଳିଆ ପୁଷ୍ପାଳକମାନେ ଶ୍ରୀବିଗ୍ରହମାନଙ୍କର ମଇଲମ, ବେଶ ଓ ସନ୍ଧ୍ୟା ଆଳତି କରିଥାଆନ୍ତି । ଏହାପରେ ପୂଜାପଣ୍ଡା ସେବକମାନଙ୍କ ଦ୍ୱାରା ସନ୍ଧ୍ୟାଧୂପ ପୂଜା ଅନୁଷ୍ଠିତ ହୁଏ । ତତ୍ପରେ ଶ୍ରୀସୁଦର୍ଶନଙ୍କ ବାଡ଼ରେ ବନ୍ଦାପନା ହେବାପରେ ମୁଦିରସ୍ତ ସେବକ ଶ୍ରୀସୁଦର୍ଶନଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥାଆନ୍ତି । ଏହାପରେ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇ ଶ୍ରୀବିଗ୍ରହମାନଙ୍କ ରାତ୍ର ପହୁଡ଼ ହୋଇଥାଏ । ମହାକବି ଜୟଦେବ ଶ୍ରୀବଳଭଦ୍ରଙ୍କୁ ସ୍ତୁତି କରିଛନ୍ତି-

‘ବହସି ବପୁଷି ବିଶଦେ ବସନଂ ଜଳଦାଭମ୍ ।
ହଳହତି ଭୀତି ମିଳିତ ଯମୁନାଭମ୍ ॥
କେଶବ ଧୃତ ହଳଧର ରୂପ ଜୟ ଜଗଦୀଶ ହରେ ॥୮॥’

‘ତୁମେ ତୁମର ଗୌରବର୍ଣ୍ଣ ଶରୀରରେ କୃଷ୍ଣବର୍ଣ୍ଣ ମେଘ ସଦୃଶ ବସନ ଧାରଣ କରିଅଛ । ଏହା ହଳା କର୍ଷଣ ଭୟରେ ଆପଣଙ୍କ ନିକଟରେ ଉପସ୍ଥିତ କୃଷ୍ଣବର୍ଣ୍ଣା ଯମୁନା ସଦୃଶ ଦେଖାଯାଉଛି ।

ହେ କେଶବ, ହେ ହଳଧର, ବଳରାମ ରୂପଧାରୀ, ହେ ଜଗଦୀଶ, ହେ ହରେ, ତୁମର ଜୟ ହେଉ ।’

*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍,*

*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ରଥାରୂଢ଼ ଶ୍ରୀବିଗ୍ରହମାନଙ୍କ ନୀଳାଦ୍ରି ବିଜେ :


ତା ୧.୭.୨୩ ରିଖ ଶନିବାର ନୀଳାଦ୍ରି ବିଜେ ଅବସରରେ ଦୈନନ୍ଦିନ ନୀତି ପରି ମଙ୍ଗଳା ଆଳତି ଠାରୁ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ନୀତି ସମାପନ ହୋଇଥିଲା । ସନ୍ଧ୍ୟାଧୂପ ସରିଲା ପରେ ଘରବନ୍ଧା ସମାପନ ହୋଇଥିଲା ।



ପରେ ମୁଦିରସ୍ତ ପୁଷ୍ପାଞ୍ଜଳୀ, ଡୋରଲାଗି କଲାପରେ କାହାଳିଆ ବିଜେ କାହାଳୀ ବଜାଇଥିଲେ । ଏହାପରେ ଘଣ୍ଟ, ମର୍ଦ୍ଦଳ ପଟୁଆର ମଧ୍ୟରେ ପ୍ରଥମେ ରାମକୃଷ୍ଣ, ମଦନମୋହନ, ମହାଜନ ସେବକମାନଙ୍କ ଦ୍ୱାରା ବାହୁଡ଼ା ବିଜେ କରିଥିଲେ । ଏହାପରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଦେବୀ ଗୋଟି ପହଣ୍ଡିରେ ଯାଇ ସିଂହାସନରେ ଅଧିଷ୍ଠିତ ହୋଇସାରିଲା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଘର ଉପରକୁ ଆସିଥିଲେ । ମହାପ୍ରଭୁ ଘର ଉପରକୁ ଆସିଲାପରେ ରୋଷ ପରିସରରେ ଥିବା ଘହାଣି ମଣ୍ଡପକୁ ମା' ଲକ୍ଷ୍ମୀ ଆସି ମହାପ୍ରଭୁଙ୍କୁ ଘହାଣି କରିବାରେ ବନ୍ଦାପନା ନୀତି ଉଭୟ ସ୍ଥାନରେ ସମାନ୍ତରାଳ ଭାବେ ଅନୁଷ୍ଠିତ ହୋଇଥିଲା । ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ପତିମାହାପାତ୍ର ଏବଂ ମହାଲକ୍ଷ୍ମୀଙ୍କ ନିକଟରେ ଭିତରଛ ମହାପାତ୍ର ଯଥାକ୍ରମେ- କର୍ପୂର ଆଳତି, ଅକ୍ଷତ ବନ୍ଦାପନା, ବଳିତା ଆଳତି, ଘସା ଜଳ ଲାଗି ପରେ ଓ ଲକ୍ଷ୍ମୀ ବାହୁଡ଼ିଯିବା ପରେ ମହାପ୍ରଭୁ ଘର ତଳକୁ ଓହ୍ଲାଇଥିଲେ । ଜୟବିଜୟ ଦ୍ୱାରା ଠାରେ ପହଞ୍ଚିବା ପରେ ବଚନିକା ଅନୁଷ୍ଠିତ ହୋଇ ରସଗୋଲା ଭୋଗ ପରେ ମହାପ୍ରଭୁ ଭିତରକୁ ବିଜେ ହୁଅନ୍ତେ ବିବାହ ଗଇଁଠାଳ ଫିଟିବା ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନାରୂଢ଼ ହୋଇଥିଲେ ।

## ଶ୍ରୀମନ୍ଦିରରେ ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି ଏବଂ ଶ୍ରୀବିଗ୍ରହଙ୍କ ଚିତା ଲାଗି ଅମାବାସ୍ୟା :

ତା ୧୭.୭.୨୩ ରିଖ ସୋମବାର ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି



ଅବସରରେ ଶ୍ରୀମନ୍ଦିରରେ ସକାଳ ଧୂପ, ଭୋଗମଣ୍ଡପ ଶେଷ ପରେ ମୈଲମ ହୋଇ ସୁଦୁସୁଆର ଦ୍ୱାରା ମହାସ୍ନାନ ପାଇଁ ପୂଜା ଠା' ହୋଇଥିଲା । ପୂଜାପଣ୍ଡାଙ୍କ ଦ୍ୱାରା ମହାସ୍ନାନ ବଢ଼ିଲାପରେ ମୈଲମ ହୋଇ ନୂଆ ବୋଇରାଣି ଲାଗି ହୋଇ ଘଟୁଆରୀ ଘରୁ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଘଣ୍ଟ, ଛତା, କାହାଳୀ ପଟୁଆରରେ ସର୍ବାଙ୍ଗ ଚନ୍ଦନ ବିଜେ କରାଇ ସିଂହାସନରେ ରଖିଥିଲେ । ଏହାପରେ ସର୍ବାଙ୍ଗ ଚନ୍ଦନ ଲାଗି ହୋଇ ବେଶ ବଢ଼ିଥିଲା ଏବଂ ଘଣ୍ଟ, ଛତା, କାହାଳୀ ସହିତ ତଳିଛ, ପ୍ରଧାନୀ ହାତ ପୈଠ ମଧ୍ୟରେ ମଧ୍ୟାହ୍ନ ଧୂପ ଛାମୁକୁ ଆସନ୍ତେ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଏହାପରେ ମଧ୍ୟାହ୍ନ ଧୂପ ପୂଜା ବସି ଟେରାପଡ଼ିଲା ପରେ ମହାପ୍ରଭୁଙ୍କ ବାଡ଼ର ପୂଜାପଣ୍ଡା, ପତ୍ରିବଡୁ ଏବଂ ସୁଆରବଡୁ ବାହାରକୁ ଆସି ମନ୍ଦିର ମଧ୍ୟରେ ଆଠଟି ସ୍ଥାନରେ  ଅନ୍ନବଳି ଦେଇଥିଲେ । ଏହାପରେ ଭିତରକୁ ଆସି ପୂଜା ସମାପନ କରି ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ବନ୍ଦାପନା ନୀତି ବଢ଼ିଥିଲା  । ଏହି ଦିନ ମଧ ଶ୍ରୀମନ୍ଦିରରେ ଚିତାଲାଗି ନୀତି ଅନୁଷ୍ଠିତ ହୋଇଥିଲା । ଏହି ଦିନ ଶ୍ରୀମନ୍ଦିରରେ ସକାଳଧୂପ ଓ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଶ୍ରୀବିଗ୍ରହମାନଙ୍କର ଶ୍ରୀଅଙ୍ଗରୁ ଝୋବା କଣ୍ଠି ମଇଲମ ହୋଇଥିଲା । ଏହାପରେ ଶ୍ରୀଦେବୀ ଓ ଭୂଦେବୀଙ୍କୁ ମହାଜନ ସେବକମାନେ ସିଂହାସନରୁ ହାତରେ ବିଜେ କରାଇ ଆଣି ଖଟ ଶେଯରେ ବିଜେ କରାଇବା ପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କୁ ଚିତାଲାଗି କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଦେବସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନେ ସ୍ନାନମଣ୍ଡପରୁ ବାହୁଡ଼ା ବିଜେ କରିବା ପରେ ଅନବସରକୁ ଯିବା ପୂର୍ବରୁ ଏହି ଚିତା ମଇଲମ କରାଯାଇ ଭଣ୍ଡାର ଘରେ ରଖାଯାଇଥାଏ ଏବଂ ଚିତାଲାଗି ଅମାବାସ୍ୟା ଦିନ ପୁନଃ ଚିତାଲାଗି କରାଯାଇଥାଏ ।

## ଶ୍ରୀମନ୍ଦିରରେ ଶ୍ରୀଗରୁଡ଼ ଶୟନ ନୀତି :

ତା ୩୦.୭.୨୩ ରିଖ ରବିବାର ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ଶ୍ରୀମନ୍ଦିରରେ ଶ୍ରୀଗରୁଡ଼ ଶୟନ ନୀତି ଅନୁଷ୍ଠିତ ହୋଇଥିଲା । ଶ୍ରୀଗୁରଡ଼ଙ୍କର ମହାସ୍ନାନ ସାମ୍ରଗୀ ପର୍ବଯାତ୍ରା ଯୋଗାଣିଆ ଯୋଗାଇଥିଲେ । ନିମ୍ନଲିଖିତ ସେବକମାନଙ୍କ ଦ୍ୱାରା ଏହି ନୀତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା ଯଥା- ପର୍ବଯାତ୍ରା ଯୋଗାଣିଆ, ପୂଜାପଣ୍ଡା, ସୁଦୁସୁଆର । ଏହି ଦିନ ସନ୍ଧ୍ୟା ଧୂପ ସରିବା ପରେ ଗରୁଡ଼ଙ୍କ ଠାରେ ପର୍ବଯାତ୍ରା ଯୋଗାଣିଆ ଦେଇଥିବା ମହାସ୍ନାନ ସାମଗ୍ରୀ ସୁଦୁସୁଆର ପୂଜାଠା କରିବା ପରେ ଜଣେ ପୂଜାପଣ୍ଡା ମହାସ୍ନାନ ବଢ଼ାଇଥିଲେ । ତାହାପରେ ଶୀତଳ ଭୋଗ କରି ଆଳତି ବନ୍ଦାପନା କରାଯାଇଥିଲା ।●



ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦୈନନ୍ଦିନ ଅନୁଷ୍ଠିତ
'ବଡ଼ସିଂହାର' ବେଶ

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।
ଶ୍ରୀମନ୍ଦିର ପ୍ରଶାସନ, ପୁରୀ

# ଶ୍ରୀକ୍ଷେତ୍ରର ଅନ୍ୟାନ୍ୟ ସ୍ଥାନ

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

**୧୪. ଚକ୍ରତୀର୍ଥ :** ଏହା ବାଲୁଖଣ୍ଡ ଅଞ୍ଚଳରେ ବାଙ୍କିମୁହାଁଣ ନାମକ ସ୍ଥାନରେ ଅବସ୍ଥିତ । କଥିତ ହୁଏ ଯେ ଏହିଠାରେ ପ୍ରଥମେ ପବିତ୍ର ଦାରୁ ବା କାଷ୍ଠ ପହଞ୍ଚିଥିଲା ଓ ସେହି ଦାରୁରେ ଶ୍ରୀଜଗନ୍ନାଥଙ୍କର ମୂର୍ତ୍ତି ନିର୍ମାଣ କରାଯାଇଥିଲା । ଏହା ନିକଟରେ ଚକ୍ର ନୃସିଂହଙ୍କର ମନ୍ଦିର ଅବସ୍ଥିତ । ଏହା ଲକ୍ଷ୍ମୀଙ୍କ ବାପଘର ନାମରେ ପରିଚିତ । ତାହା ସମ୍ମୁଖରେ ଦରିଆ ମହାବୀର ନାମରେ ହନୁମାନ ପୂଜିତ ହୁଅନ୍ତି ।

**୧୫. ମାଉସୀ ମା' ବା ଅର୍ଦ୍ଧାଶନୀ :** ଗୁଣ୍ଡିଚା ଘରକୁ ଯିବା ବାଟରେ ବଡ଼ଦାଣ୍ଡରେ ଏହି ମନ୍ଦିର ପଡ଼େ । ଏହାକୁ ଶ୍ରୀଜଗନ୍ନାଥଙ୍କର ମାଉସୀ ଘର ବୋଲି କୁହାଯାଏ । ପ୍ରଳୟ କାଳରେ ଏହି ଦେବୀ ଅର୍ଦ୍ଧେକ ଜଳ ଶୋଷଣ କରିବାରୁ ତାହାଙ୍କୁ ଅର୍ଦ୍ଧ ଶୋଷଣୀ ବା ଅର୍ଦ୍ଧାଶନୀ କୁହାଯାଏ । ମୂର୍ତ୍ତି ତତ୍ତ୍ୱରେ ତାଙ୍କର ରୂପ ସୁଭଦ୍ରାଙ୍କ ରୂପ ପରି ।

**୧୬. ଦକ୍ଷିଣକାଳୀ :** ଏହି ଦେବୀ କାଳିକାଦେବୀ ସାହିରେ ଅବସ୍ଥିତ । ଏ ତନ୍ତ୍ରସାଧନାର ପ୍ରସିଦ୍ଧ ଦେବୀ ଅଟନ୍ତି । ଏହାଙ୍କୁ ଶ୍ରୀମନ୍ଦିର ରୋଷଘରର ପରିଚାଳିକା ବୋଲି ମଧ୍ୟ କୁହାଯାଏ ।

**୧୭. ଶ୍ୟାମାକାଳୀ :** ଏହି ଦେବୀ ବାଲି ସାହିରେ ପ୍ରତିଷ୍ଠିତ ହୋଇଛନ୍ତି । ବାଲି ସାହିର ପୁରୁଣା ରାଜନବର ମଧ୍ୟରେ ଏହି ଦେବୀ ପ୍ରତିଷ୍ଠିତା ହୋଇଥିଲେ । ରାଜନବରଟି ଏବେ ବଡ଼ଦାଣ୍ଡକୁ ଉଠିଯିବା ପରେ ମଧ୍ୟ ଏହି ଦେବୀ ଏହିଠାରେ ହିଁ ରହିଛନ୍ତି । ଏ ରାଜପୂଜିତା ଦେବୀ ଅଟନ୍ତି ।

**୧୮. ନୃସିଂହ ମନ୍ଦିର :** ଗୁଣ୍ଡିଚା ମନ୍ଦିର ନିକଟରେ ନୃସିଂହ ଦେବଙ୍କର ମନ୍ଦିର ଅଛି । ମହାରାଜ ଇନ୍ଦ୍ରଦ୍ୟୁମ୍ନ ଶ୍ରୀମନ୍ଦିର ନିର୍ମାଣ କରିବା ବେଳେ ଯେଉଁ ଅଶ୍ୱମେଧ ଯଜ୍ଞ କରିଥିଲେ, ସେତେବେଳେ ସେ ଏହି ନୃସିଂହଙ୍କୁ ପ୍ରତିଷ୍ଠା କରିଥିଲେ ।

**୧୯. ଚାରିଆଶ୍ରମ :** ଶ୍ରୀକ୍ଷେତ୍ରର ଚାରି ଦିଗରେ ଚାରି ପ୍ରସିଦ୍ଧ ଋଷିଙ୍କର ଆଶ୍ରମ ଅଛି । ଭୃଗୁ ଋଷିଙ୍କ ଆଶ୍ରମ ବାଲିସାହିରେ, ଅଙ୍ଗିରାଶ୍ରମ ଦୋଳମଣ୍ଡପ ସାହିରେ, ପଣ୍ଡୁ ଆଶ୍ରମ ଗୌଡ଼ବାଡ଼ ସାହିରେ ଓ ମାର୍କଣ୍ଡେୟାଶ୍ରମ ମାର୍କଣ୍ଡେଶ୍ୱର ସାହିରେ ଅବସ୍ଥିତ । ରାଧାଷ୍ଟମୀ, ଶ୍ରାବଣ ପୂର୍ଣ୍ଣିମା ଓ ଆଶ୍ୱିନ ପୂର୍ଣ୍ଣିମାରେ ଶ୍ରୀସୁଦର୍ଶନ ଦେବ ଏହି ସବୁ ଆଶ୍ରମକୁ ଯାତ୍ରା କରନ୍ତି । ନୃସିଂହ ମଧ୍ୟ ନିର୍ଦ୍ଦିଷ୍ଟ ଦିନରେ ଏହି ଆଶ୍ରମଗୁଡ଼ିକୁ ଯାତ୍ରା କରିଥାଆନ୍ତି ।



## ଶ୍ରୀମହାପ୍ରଭୁଙ୍କ ନୀତି ସଂପାଦନ

ନାରଦୀୟ ପଞ୍ଚରାତ୍ର ଅନ୍ତର୍ଗତ ଗୌତମ ତନ୍ତ୍ର, ଶାରଦାତିଳକ, ସୂତ ସଂହିତା ଅନ୍ତର୍ଗତ ନୀଳାଦ୍ରି ମହୋଦୟ ଓ ନୀଳାଦ୍ରିନାଥ ପୂଜାବିଧି ପ୍ରଭୃତିର ବିଧି ଅନୁସାରେ ପୁରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ନୀତି ଓ ପୂଜାବିଧି ସଂପାଦନ କରାଯାଇଥାଏ । ପ୍ରତ୍ୟେକ ଦିନର ପୂଜା ନୀତି ସାଧାରଣ ଭାବରେ ଏହିପରି ଭାବରେ ପାଳିତ ହୁଏ ।

ପ୍ରତ୍ୟହ ଦ୍ୱାର ଫିଟିବା ପରେ ପୂର୍ବ ରାତ୍ରିର ଖଟ ଶେଯ ଉଠାଯାଇ ଓ ଦୀପଜଳା ହୋଇ ମଙ୍ଗଳ ଆଳତି ହୁଏ । ଏହାପରେ ପୂର୍ବ ରାତ୍ରିର ଫୁଲ ଓ ବସ୍ତ୍ର ମଇଲମ ହୁଏ ଓ ଅବକାଶ ନୀତି ହୁଏ । ଏହି ନୀତିରେ ତଡ଼ପ ଓ ଉତ୍ତରୀ ଲାଗି ହୋଇ ମହାପ୍ରଭୁଙ୍କର ଦାନ୍ତ ଘଷା ଓ ସ୍ନାନ ହୁଏ । ଏହାପରେ ମହାପ୍ରଭୁ ପୁଣି ବେଶ ହୋଇ ସର୍ବ ସାଧାରଣଙ୍କୁ ଦର୍ଶନ ଦିଅନ୍ତି । ଏହାକୁ ସାହାଣମେଳା କୁହାଯାଏ । (ବର୍ତ୍ତମାନ ଏହା ସ୍ଥଗିତ ଅଛି) ସାହାଣମେଳା ପରେ ପୁଣି ଥରେ ମହାପ୍ରଭୁ ବେଶ ହୁଅନ୍ତି । କାର୍ତ୍ତିକ ମାସରେ ସକାଳ ସାହାଣମେଳା ହୁଏନାହିଁ । ମହାପ୍ରଭୁ ବେଶ ହେଉଥିବା ସମୟରେ ରୋଷଘରେ ରୋଷ ହୋମ, ସୂର୍ଯ୍ୟଯନ୍ତ୍ର ମନ୍ଦିରରେ ସୂର୍ଯ୍ୟପୂଜା ଓ ଜୟବିଜୟ ଦ୍ୱାର ନିକଟରେ ଦ୍ୱାରପାଳ ପୂଜା ହୁଏ । ତାହାପରେ ଗୋପାଳବଲ୍ଲଭ ଭୋଗ ହୁଏ । ଏଥିରେ ମହାପ୍ରଭୁଙ୍କୁ ଖଇ, କୋରା, ନଡ଼ିଆପାତି, ଖୁଆପେଡ଼ା, କଦଳୀ ଇତ୍ୟାଦି ଭୋଗ କରାଯାଏ । ତାହା ପରେ ସକାଳଧୂପ ବା ରାଜଭୋଗ ହୁଏ । ଏଥିରେ ଖେଚେଡ଼ି, କାନିକା, ଶାଗ, ଭଜା ଓ ବିଭିନ୍ନ ପ୍ରକାର ମିଷ୍ଟାନ୍ନ ଭୋଗ ହୁଏ । ଏହି ଭୋଗ ଭିତର ପୋଖରିଆରେ କରାଯାଏ । ଭୋଗପରେ ଆଳତି ହୁଏ । ତତ୍‌ପରେ ମହାପ୍ରଭୁଙ୍କୁ ମଇଲମ ଓ ବେଶ କରାଯାଇ ଭୋଗମଣ୍ଡପ ଘରେ ଭୋଗମଣ୍ଡପ ଭୋଗ ହୁଏ । ଏହାର ପରବର୍ତ୍ତୀ ଦ୍ୱିପ୍ରହର ଧୂପରେ ଖେଚେଡ଼ି, ଘିଅ ଅନ୍ନ ଓ ବିଭିନ୍ନ ପ୍ରକାର ପିଠା ଭୋଗ ହୁଏ । ଏହି ଭୋଗ ପରେ ମହାପ୍ରଭୁଙ୍କର ବେଶ ହୋଇ ଦିବା ପହୁଡ଼ (ଶୟନ) ହୁଏ । ସେହି କାଳରେ ମହାପ୍ରଭୁଙ୍କୁ ବିଡ଼ିଆ ସମର୍ପଣ ହୁଏ ଓ କବାଟ ବନ୍ଦ କରାହୁଏ ।

ସନ୍ଧ୍ୟା ସମୟରେ ପଲଙ୍କ ଉଠାଯାଇ ମହାପ୍ରଭୁଙ୍କର ସନ୍ଧ୍ୟା ଆଳତି ଓ ଜୟମଙ୍ଗଳ ଆଳତି ହୁଏ । ଏହାର ପରବର୍ତ୍ତୀ ସନ୍ଧ୍ୟାଧୂପରେ ବିଭିନ୍ନ ପ୍ରକାର ମିଷ୍ଟାନ୍ନ ଭୋଗ ହୁଏ । ସନ୍ଧ୍ୟାଧୂପ ପରେ ଆଉ ଥରେ ସାହାଣମେଳା ଦର୍ଶନ ହୁଏ । ତପ୍ତରେ ମହାପ୍ରଭୁ ନୂତନ ଲୁଗା ଓ ଅଳଙ୍କାର ପିନ୍ଧନ୍ତି ଓ ଚନ୍ଦନ ଲାଗି ହୁଅନ୍ତି । ବିଡ଼ିଆ ମଣୋହି ହୁଏ । ତପ୍ତରେ ମହାପ୍ରଭୁଙ୍କର ବଡ଼ ସିଂହାର ବେଶ ହୁଏ । ଏହି ବେଶ ଫୁଲ ଓ ଗୀତଗୋବିନ୍ଦ ବୁଣା ହୋଇଥିବା ଖଣ୍ଡୁଆ ତଥା ପାଟବସ୍ତ୍ରରେ କରାଯାଏ । ତାହାପରେ ବଡ଼ସିଂହାର ଭୋଗରେ ବିଭିନ୍ନ ପ୍ରକାର ପିଠା, ପଣା ଓ କ୍ଷୀରି, କଦଳୀବଡ଼ା ପ୍ରଭୃତି ଭୋଗ ହୁଏ । ପୂର୍ବେ ବଡ଼ସିଂହାର ପରେ ମହାପ୍ରଭୁଙ୍କ ଆଗରେ ଗୀତ ଗୋବିନ୍ଦ ଗୀତ ଓ ନୃତ୍ୟ ହେଉଥିଲା । ତପ୍ତରେ ପଇଡ଼ ସମର୍ପଣ ଓ ବିଡ଼ିଆ ଲାଗି ହୋଇଥାଏ । ଏହାପରେ ଖଟ ଶେଯ ପକାହୋଇ ଶୟନ ଠାକୁରଙ୍କ ନୀତି କରାଯିବା ପରେ ମହାପ୍ରଭୁଙ୍କର ଶୟନ ନୀତି ଶେଷ ହୋଇଥାଏ । ଏହି ସମୟରେ ବଇଠା ଓହ୍ଲାଇ ଦିଆଯାଏ ଓ କବାଟ ବନ୍ଦକରି ମୁଦ ଦିଆଯାଏ ।

ସାହାଣମେଳା ସମୟରେ ଭକ୍ତମାନେ କେବଳ ରତ୍ନସିଂହାସନ ସ୍ପର୍ଶ ଓ ପରିକ୍ରମା କରିପାରନ୍ତି । (ବର୍ତ୍ତମାନ ଏହା ସ୍ଥଗିତ ଅଛି) ଅନ୍ୟ କେତେକ ନିର୍ଦ୍ଦିଷ୍ଟ ସମୟରେ ପରିମାଣିକ ଦର୍ଶନ ଫିସ୍ ଦେଇ ସେମାନେ କିଛି ଅଧିକ ନିକଟରୁ ଦର୍ଶନ କରିବାର ସୁବିଧା ପାଇପାରନ୍ତି ।

ଉପରୋକ୍ତ ସାଧାରଣ ନୀତି ବ୍ୟତୀତ ଆହୁରି ଅନେକ ସ୍ୱତନ୍ତ୍ର ନୀତି ବିଭିନ୍ନ ବିଶିଷ୍ଟ ଦିନମାନଙ୍କରେ ଅନୁଷ୍ଠିତ ହୋଇଥାଏ, ଯଥା- ପ୍ରତି ଗୁରୁବାରରେ ଲକ୍ଷ୍ମୀଦେବୀଙ୍କ ମାଜଣା ଓ ଏକାନ୍ତ, ପ୍ରତି ଏକାଦଶୀରେ ଆଳତି ଓ ବନ୍ଦାପନା ଏବଂ ମହାଦୀପ, ଗୁରୁବାର ଏକାଦଶୀରେ ରାଜନୀତି, ସୋମବାର ଏକାଦଶୀରେ ହରିହର ଭେଟ, ପ୍ରତି ଅମାବାସ୍ୟାରେ ସାଗର ବିଜେ, ମାସର ନିର୍ଦ୍ଦିଷ୍ଟ ବୁଧବାରରେ ବନକଲାଗି, ତିନି ଠାକୁରଙ୍କର ଜନ୍ମ ଦିନରେ ନକ୍ଷତ୍ର ବନ୍ଦାପନା ପ୍ରଭୃତି । ବିଭିନ୍ନ ପ୍ରକାର ଦୁର୍ଘଟଣାରେ, ଅଶୌଚ ସମୟରେ ଏବଂ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ କାଳରେ ସ୍ୱତନ୍ତ୍ର ନୀତି ମଧ୍ୟ ହୁଏ ।


ମନ୍ଦିର ମଧ୍ୟକୁ ଯୋତା, ଛତା ଓ ଅନ୍ୟ କୌଣସି ଚମଡ଼ା ଜିନିଷ ନେବା ନିଷେଧ । କେହି ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଛୁଇଁଦେଲେ କିମ୍ୱା ମଳ, ମୂତ୍ର ତ୍ୟାଗ କଲେ ବା ରକ୍ତ ପଡ଼ିଲେ ମହାପ୍ରଭୁଙ୍କର ମହାସ୍ନାନ ହୁଏ । ଶ୍ରୀଜଗନ୍ନାଥଙ୍କର ମହାସ୍ନାନ ନୀତି ବିଭିନ୍ନ ପ୍ରକାରର ଓ ପୂର୍ବ କାରଣ ବ୍ୟତୀତ ଅନ୍ୟାନ୍ୟ କାରଣରୁ ମଧ୍ୟ ହୁଏ । ହିନ୍ଦୁମାନଙ୍କ ବ୍ୟତୀତ ଅନ୍ୟ ଲୋକ ମନ୍ଦିର ଭିତରକୁ ପ୍ରବେଶ କରିବା ନିଷେଧ ।

ଶ୍ରୀମନ୍ଦିର ରୋଷଘରେ ବହୁ ପରିମାଣର ସାଧା ଅନ୍ନ, ବିଭିନ୍ନ ପ୍ରକାର ଖେଚେଡ଼ି ଅନ୍ନ, ଡାଲି, ଡାଲମା, ମହୁର, ବେସର, ଶାଗ ପ୍ରଭୃତି ରନ୍ଧନ କରି ଭୋଗ କରାଯାଏ । ବ୍ୟଞ୍ଜନ ପାଇଁ କେତେକ ପରିବା ମନ୍ଦିର ମଧ୍ୟ ନିଆଯାଏ ନାହିଁ । କେବଳ ଘୃତରେ ପାକ କରାଯାଏ । ଯେଉଁ ସବୁ ନିଶଙ୍ଖୁଡ଼ି ଭୋଗ ଏଠାରେ ପ୍ରସ୍ତୁତ କରାଯାଏ ତାହା ଛପନ ପ୍ରକାରର ବୋଲି ପାରଂପରିକ ଭାବରେ ଚଳି ଆସିଛି । ସେଥିପାଇଁ ଛପନଭୋଗ ପରିଭାଷାଟି ମନ୍ଦିର ମଧ୍ୟରେ ପ୍ରସିଦ୍ଧ । ଶ୍ରୀଜଗନ୍ନାଥଙ୍କ ପ୍ରସାଦକୁ ମହାପ୍ରସାଦ କୁହାଯାଏ । ତାହା ଭୋଜନ କରିବାରେ ଅନ୍ୟ ନିମ୍ନଜାତି ଲୋକଙ୍କ ସ୍ପର୍ଶଜନିତ ଦୋଷ ଧର୍ତ୍ତବ୍ୟ ନୁହେଁ ।

# ଫଟୋରେ ଖବର...



ତା ୧.୭.୨୩ ରେ ଶ୍ରୀବିଗ୍ରହମାନଙ୍କ ନୀଳାଦ୍ରି ବିଜେ



ତା ୧.୭.୨୩ ରେ ନୀଳାଦ୍ରି ବିଜେ ପରିପ୍ରେକ୍ଷୀରେ ରଥ ଉପରେ ବିରାଜିତ ଶ୍ରୀବିଗ୍ରହମାନଙ୍କୁ 'ରସଗୋଲା' ଭୋଗ କରାଯାଉଅଛି



ତା ୧.୭.୨୩ ରେ ନୀଳାଦ୍ରି ବିଜେ ଅବସରରେ ଭେଟ ମଣ୍ଡପରେ ବିରାଜିତା ମା' ମହାଲକ୍ଷ୍ମୀ ଠାକୁରାଣୀ



ତା ୯.୭.୨୩ ରେ ଛତିଶଗଡ଼ର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱ ଭୂଷଣ ହରିଚନ୍ଦନ ସସ୍ତ୍ରୀକ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୧୪.୭.୨୩ ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆହୂତ 'ଆନନ୍ଦବଜାର ଶୃଙ୍ଖଳା କମିଟି' ବୈଠକ

# ଫଟୋରେ ଖବର...



ତା ୧୭.୭.୨୩ ରେ ଚିତାଲାଗି ଅମାବାସ୍ୟା ପରିପ୍ରେକ୍ଷୀରେ ଶ୍ରୀନାରାୟଣଙ୍କ ସାଗର ବିଜେ





ତା ୧୩.୭.୨୩ ରେ ଶ୍ରୀମନ୍ଦିରରେ କାମଦା ବା ଚକ୍ରାବୁଲା ଏକାଦଶୀ ପରିପ୍ରେକ୍ଷୀରେ
ଶ୍ରୀଚକ୍ରନାରାୟଣ ଶ୍ରୀମନ୍ଦିରରୁ ବାହାରି ଘରି ଆଶ୍ରମକୁ ବିଜେ କରୁଅଛନ୍ତି



ତା ୨୧.୭.୨୩ ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଅଧକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ



ତା ୨୬.୭.୨୩ ରେ ସନ୍ଥ ମୁରାରୀ ବାପୁଙ୍କ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ଲୋ-ସଂ. ଅଧିକାରୀ ଶ୍ରୀଯୁକ୍ତ ଜିତେନ୍ଦ୍ର ନାରାୟଣ ମହାନ୍ତି ସ୍ୱାଗତ କରୁଅଛନ୍ତି

## (୧୧) ୧୮୭୫ ମସିହା ପୁରୀ ରଥଯାତ୍ରା
### (ଭାଗ-୧୦-ସଂଖ୍ୟା ୩୦ - ତା ୨୪ ରିଖ, ଜୁଲାଇ)

ପୁରୀରୁ ସମ୍ବାଦ ପାଇଅଛୁଁ ଯେ ଆଶିଷ୍ଟାଣ୍ଟ ଇଞ୍ଜିନିଅର ବାବୁ ପୂର୍ଣ୍ଣଚନ୍ଦ୍ର ସରକାର ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଅବସ୍ଥା ଦେଖି ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିବା କାରଣ ପ୍ରେରିତ ହୋଇଅଛନ୍ତି । ତଦନୁସାରେ ସେ ସେଠାରେ ପହୁଞ୍ଚି ତଦାରଖ କରୁଅଛନ୍ତି । ଦେଉଳରୁ ଯେଉଁ ପଥର ପଡ଼ିଅଛି ତାହା ବସାଇବାକୁ କିଛିଦିନ ବିଳମ୍ବ ହେବ ଓ ସେ ପର୍ଯ୍ୟନ୍ତ ଠାକୁର କେଉଁଠାରେ ରହିବେ ସ୍ଥିର ହୋଇନାହିଁ । ଅବଧି ଠାକୁରମାନେ ଗୁଣ୍ଡିଚାଘରୁ ଫେରି ନାହାନ୍ତି । ଗତ ତା ୨୧ ରିଖ ପର୍ଯ୍ୟନ୍ତ ଜଗମୋହନରେ ବନ୍ଧା ହୋଇ ରହିଥିଲେ । ଯେଉଁମାନେ ମହାପ୍ରସାଦ ବିନା ଅନ୍ୟ ଅନ୍ନ ଭୋଜନ କରନ୍ତି ନାହିଁ ସେମାନଙ୍କର କ୍ଲେଶର ସୀମା ନାହିଁ । ଏ ଉତ୍ତାରୁ ସଂବାଦ ପାଇଅଛୁଁ ଯେ ମନ୍ଦିରର ତଦାରକ ଓ ସମ୍ପୂର୍ଣ୍ଣ ରୂପେ ମରାମତ ହେବା ପର୍ଯ୍ୟନ୍ତ ଠାକୁରମାନେ ଜଗମୋହନରେ ରହିବେ । ତହିଁ ଉତ୍ତାରୁ ରଥ ସବୁ ଫେରି ଆସିବ । ରାଜାଙ୍କର ଏହି ବିଚାରରେ ମାଜିଷ୍ଟ୍ରେଟ ସାହେବ ସମ୍ମତ ହୋଇଅଛନ୍ତି ।

## (୧୨) ୧୮୭୬ ମସିହା ପୁରୀ ରଥଯାତ୍ରା
### (ଭାଗ-୧୧-ସଂଖ୍ୟା ୨୭ - ତା ୧ ରିଖ, ଜୁଲାଇ)

ଏ ବର୍ଷ ପୁରୀରେ ରଥଯାତ୍ରା ପର୍ବ ଅଳ୍ପ ସମାରୋହରେ ନିର୍ବାହ ହୋଇଥିବାର ଜଣାଯାଏ । ଏପର୍ଯ୍ୟନ୍ତ ଯେମନ୍ତ ବାଟଘାଟ ଶୃଙ୍ଖଳା ଥିଲା ଓ ଦୁର୍ଭିକ୍ଷ ବା ମାରି ଭୟ ନଥିଲା ତହିଁରେ ଅଧିକ ଯାତ୍ରୀ ଆସିବାର ସହଜରେ ଅନୁମାନ ହେଉଥିଲା । ମାତ୍ର ପୁରୀରୁ ଆମ୍ଭେମାନେ ସମ୍ବାଦ ପାଇଅଛୁଁ ଯେ ଏ ବର୍ଷ ଯାତ୍ରୀ ସଂଖ୍ୟା ଊଣା ହୋଇଥିଲା । ପ୍ରାୟ ୩୦,୦୦୦ ଯାତ୍ରୀ ଶ୍ରୀଗୁଣ୍ଡିଚା ଦିନ ସେଠାରେ ଠୁଳ ହୋଇଥିଲେ ଓ ସମସ୍ତେ ସହଜରେ ଦର୍ଶନ କରିଅଛନ୍ତି । କୌଣସି ଦୁର୍ଘଟନା ଘଟିନାହିଁ ଓ ଓଲାଉଠାର ଉପଦ୍ରବ ଅନ୍ୟାନ୍ୟ ବର୍ଷାପେକ୍ଷା ଅନେକ ଊଣା ଅଛି ।



ଶ୍ରୀଗୁଣ୍ଡିଚା ଦିନ ଅପରାହ୍ନ ଘ୫ଣ୍ଟା ସମୟରେ ପହଣ୍ଡି ବିଜେ ଆରମ୍ଭ ହେଲା ଓ ରାତ୍ର ଘ୮ଣ୍ଟା ମଧ୍ୟରେ ଠାକୁରମାନେ ରଥରେ ଉପବିଷ୍ଟ ହେଲେ । ସେ ଦିନ ରଥ ସେହିଠାରେ ଥିଲା ।

ଆରଦିନ ସକାଳବେଳେ ବଳଭଦ୍ରଙ୍କ ଓ ଅପରାହ୍ନବେଳେ ସୁଭଦ୍ରାଙ୍କ ରଥ ଅଧେବାଟ ଯାଏ ଟଣା ହୋଇଗଲା ।

ପୁରୀର ରାଜା ଖଡ଼ଖଡ଼ିରେ ଚଢ଼ି ସମାରୋହ ଦେଖି ବୁଲୁଥିଲେ ।

ତା୨୫ରିଖ ସୋମବାର ବଳଭଦ୍ରଙ୍କ ଓ ତା୨୬ରିଖ ମଙ୍ଗଳବାର ସୁଭଦ୍ରାଙ୍କ ରଥମାନ ଗୁଣ୍ଡିଚାମଣ୍ଡପରେ ପହୁଞ୍ଚିଲା । ତା୨୭ରିଖ ମଙ୍ଗଳବାର ସକାଳବେଳେ ଜଗନ୍ନାଥଙ୍କ ରଥ ମାଉସୀମା ଘର ପର୍ଯ୍ୟନ୍ତ ଆସି ଅପରାହ୍ନ କାଳରେ ଗୁଣ୍ଡିଚାମନ୍ଦିରରେ ପ୍ରବେଶ ହେଲା । ଅର୍ଦ୍ଧରାତ୍ରରେ ପହଣ୍ଡିବିଜେ ଆରମ୍ଭ ହେଲା ଓ ରାତ୍ର ଶେଷ ହେବାକାଳରେ ଠାକୁରମାନେ ଗୁଣ୍ଡିଚା ମଣ୍ଡପର ସିଂହାସନରେ ଉପବିଷ୍ଟ ହେଲେ । ସେ ଦିନ ହେରାପଞ୍ଚମୀ ଥିଲା ଓ ଲକ୍ଷ୍ମୀ ଠାକୁରାଣୀ ବହୁତ ରାତ୍ରରେ ଆସି ଠାକୁରଙ୍କୁ ଫେରାଇ ନେବାର ଚେଷ୍ଟା କଲେ । ମାତ୍ର ସଫଳ ନହେବାରୁ ରଥରୁ ଖଣ୍ଡେ ଭାଙ୍ଗି ନେଇ କୋପ କରି ଚାଲିଗଲେ ।

ଯାତ୍ରୀମାନେ ସବୁ ବାହାରି ଆସିଲେଣି । ଦୁଇ ଏକ ହଜାର ମାତ୍ର ସେଠାରେ ଅଛନ୍ତି । ବର୍ଷା ଆଉ ହୋଇନାହିଁ ଓ ଗୁଣ୍ଡିଚା ମନ୍ଦିରରେ ଅନ୍ନଭୋଗ ହେଉଅଛି ●



## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

ପୂର୍ବ ପ୍ରକାଶିତ ଉତ୍ତାରୁ ....

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପୂଜାବିଧି :

ଓଁ ଶ୍ରୀଗଣେଶାୟ ନମଃ

### ଅବିଘ୍ନମସ୍ତୁ

''ମଙ୍ଗଳାଚରଣମ୍'

ନୀଳାଚଳନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ॥

ପୂଜାକର୍ମବିଧାନମ୍ : ପ୍ରଥମତଃ ଯଜମାନଃ ଆଚାର୍ଯ୍ୟେଣ ସାକଂ
ପ୍ରାତଃକୃତ୍ୟ ନିବର୍ତ୍ତ୍ୟ ଶୁଦ୍ଧୋ ଭୂତ୍ୱା ସୌଭାଗ୍ୟବତୀଭିଃ ।
ସ୍ତ୍ରୀଭିଃ ସହ ଗୀତ-ବାଦ୍ୟ-ମଙ୍ଗଳ-ଶବ୍ଦୈଃ ଦେବାଗାରେ
ପ୍ରବିଶ୍ୟ
ପ୍ରାଙ୍ମୁଖୋ ଉଦଙ୍ମୁଖୋ ବା ଭୂତ୍ୱା ଉପବିଶ୍ୟ ପ୍ରଥମତଃ
ଶାନ୍ତିପାଠପୂର୍ବକଂ ବିଘ୍ନେଶଂ ଧ୍ୟାୟେତ୍ ।

ଶାନ୍ତିପାଠଃ : ଓଁ ଆ ନୋ ଭଦ୍ରାଃ କ୍ରତବୋ ଯନ୍ତୁ ବିଶ୍ୱତୋ ଅଦବ୍ଧାଃ
ସୋଽପରୀତା ସ ଉଭିଦଃ ।
ଦେବାନୋ ଯଥା ସଦମିଦ୍ ଦୁଧେଅସନ୍ନ
ପ୍ରାୟୁବୋ ରକ୍ଷିତା ରୋଦିତେ ଦିବେ ॥
ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣାୟାମ ଦେବା
ଭଦ୍ରଂ ପଶ୍ୟେମାକ୍ଷଭିର୍ଯଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାସସ୍ତନୁଭି ର୍ବ୍ୟଶେମ ଦେବହିତଂ
ୟଦାୟୁଃ ॥
ଓଁ ଦ୍ୟୈାଃ ଶାନ୍ତିରନ୍ତରିକ୍ଷ୍ୟଂ ଶାନ୍ତିଃ ପୃଥିବୀ ଶାନ୍ତିରାପଃ
ଶାନ୍ତି- ରୋଷଧୟଃ ଶାନ୍ତିଃ । ବନସ୍ପତୟଃ
ଶାନ୍ତିର୍ବିଶ୍ୱେଦେବାଃ ଶାନ୍ତିର୍ବ୍ରହ୍ମ ଶାନ୍ତିଃ ସର୍ବଂ ଶାନ୍ତିଃ
ଶାନ୍ତିରେବ ଶାନ୍ତିଃ ସାମା ଶାନ୍ତିରେଧି ॥

ଗଣପତିଚିନ୍ତନମ୍ : ସୁମୁଖଶ୍ଚୈକଦନ୍ତଶ୍ଚ କପିଳୋ ଗଜକର୍ଣ୍ଣକଃ ।
ଲମ୍ବୋଦରଶ୍ଚ ବିକଟୋ ବିଘ୍ନନାଶୋ ବିନାୟକଃ ।
ଧୁମ୍ରକେତୁର୍ଗଣାଧକ୍ଷୋ ଭାଲଚନ୍ଦ୍ରୋ ଗଜାନନଃ ।
ଦ୍ୱାଦଶୈତାନି ନାମାନି ଯଃ ପଠେତ୍ ଶୃଣୁୟାଦପି ।
ବିଦ୍ୟାରମ୍ଭେ ବିବାହେ ତ ପ୍ରବେଶେ ନିର୍ଗମେ ତଥା ।
ସଂଗ୍ରାମେ ସଂକଟେ ଚୈବ ବିଘ୍ନସ୍ତସ୍ୟ ନ ଜାୟତେ ॥
ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟିସମପ୍ରଭ ।
ନିର୍ବିଘ୍ନଂ କୁରୁ ମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା ॥

ପୀଠଦେବତାଚିନ୍ତନମ୍ :

ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥଂ
ସର୍ବାଲଙ୍କାରଯୁକ୍ତଂ ନବଘନରୁଚିରଂ ସଂଯୁତଂ ଚାଗ୍ରଜେନ ।
ଭଦ୍ରାୟା ବାମଭାଗେ ରଥଚରଣଯୁତଂ ବ୍ରହ୍ମରୁଦ୍ରେନ୍ଦ୍ରବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନପରିବୃତଂ ବ୍ରହ୍ମଦାରୁଂ ଭଜେଽହମ୍ ॥

● (କ୍ରମଶଃ...)

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୪) ଶ୍ରୀଦୋଳଗୋବିନ୍ଦ

ଶ୍ରୀମନ୍ଦିରର ଦକ୍ଷିଣିଘରେ ପୂଜା ପାଉଥିବା ବିଜେ ପ୍ରତିମାମାନଙ୍କ ମଧ୍ୟରେ ଶ୍ରୀଦୋଳଗୋବିନ୍ଦ ଅନ୍ୟତମ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପ୍ରତିନିଧି ଭାବରେ ସେ ବିଭିନ୍ନ ଯାତ୍ରା ଉତ୍ସବରେ ବିଜେ କରିଥାଆନ୍ତି । ଶ୍ରୀଦୋଳଗୋବିନ୍ଦଙ୍କର ବିଗ୍ରହ ଅତ୍ୟନ୍ତ କମନୀୟ । ଅଷ୍ଟଧାତୁରେ ନିର୍ମିତ ଶ୍ରୀଦୋଳଗୋବିନ୍ଦ ଚ଼ତୁର୍ଭୂଜ ଅଟନ୍ତି । ସେ ଉପର ଡାହାଣ ହାତରେ ଗଦା ଓ ବାମ ହାତରେ ପଦ୍ମ, ତଳ ଡାହାଣ ହାତରେ ଚ଼କ୍ର ଓ ବାମ ହାତରେ ଶଙ୍ଖ ଧାରଣ କରିଛନ୍ତି । ତାଙ୍କର କପାଳରେ ଶୋଭାପାଉଛି ରାମାନନ୍ଦୀ ଚ଼ିତା । ସେ ମସ୍ତକରେ ଦକ୍ଷିଣ ଭାରତୀୟ ଶୈଳୀର ମୁକୁଟ ପରିଧାନ କରିଛନ୍ତି । ତାଙ୍କର ଉଚ୍ଚତା ପ୍ରାୟ ଦେଢ଼ଫୁଟ । ଶ୍ରୀମନ୍ଦିରରେ କେତେକ ନିର୍ଦ୍ଦିଷ୍ଟ ତିଥିରେ ଅନୁଷ୍ଠିତ ଯାତ୍ରାକାଳରେ ଶ୍ରୀଦୋଳଗୋବିନ୍ଦ ମହାପ୍ରଭୁଙ୍କର ଆଜ୍ଞାମାଳ ପ୍ରାପ୍ତ ହୋଇ ଯାତ୍ରା ସମ୍ପନ୍ନ କରିଥାଆନ୍ତି ।



**ରୁକ୍ମିଣୀ ହରଣ ଏକାଦଶୀ (ଜଳକ୍ରୀଡ଼ା ନୀତି) :** ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ରକ୍ମିଣୀ ହରଣ ଲୀଳା ପାରମ୍ପରିକ ବିଧି ଅନୁଯାୟୀ ପାଳିତ ହୋଇଥାଏ । ଏହି ଦିନ ସକାଳଧୂପ ପୂଜା ବସିବାବେଳେ ଦକ୍ଷିଣ ଘରେ ଶ୍ରୀମଦନମୋହନଙ୍କର ବେଶ ଆରମ୍ଭ ହୁଏ । ସକାଳଧୂପ ବଢ଼ିବା ପରେ ଶ୍ରୀଦେବୀ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ମହାଜନଙ୍କ ହାତରେ ବିଜେ ହୋଇ ସାତ ପାହାଚ ଠାରେ ଥିବା ପାଲିଙ୍କିରେ ବସି ଲକ୍ଷ୍ମୀ ମନ୍ଦିରର ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରନ୍ତି । ସେଠାରେ ପଞ୍ଚାମୃତରେ ମହାସ୍ନାନ ବଢ଼ି ମାଜଣା ଓ ବନକଲାଗି ସରି ଅଳଂକାର ଲାଗି ଓ ବେଶ ହୁଅନ୍ତି । ଏହି ସମୟରେ ତଢ଼ାଉ ପଟ୍ଟନାୟକ ମହାଲକ୍ଷ୍ମୀଙ୍କ ବିଶ୍ୱସ୍ତ ରୂପେ ତାଳପତ୍ର ଓ ଲେଖନ ନେଇ ଉପସ୍ଥିତ ହୁଅନ୍ତି । ଭିତରଛ ମହାପାତ୍ର ଶ୍ରୀହସ୍ତ ଛୁଆଁ କରାଇ ତଢ଼ଉକରଣଙ୍କୁ ଦିଅନ୍ତି । ତଢ଼ଉକରଣ ଠିଆହୋଇ ରକ୍ମିଣୀଙ୍କ ମନୋଭାବ ତାଳପତ୍ର ଚିଟାଉରେ ଲେଖନ୍ତି । ତାପରେ ଭିତରଛ ମହାପାତ୍ର ଚିଟାଉ ନେଇ ଚନ୍ଦନରେ ଶ୍ରୀଦେବୀଙ୍କ ଶ୍ରୀହସ୍ତ ମୁଦ କରାଇବା ପରେ ବିପ୍ର ଭାବରେ ଜନୈକ ସେବକ ଚିଟାଉ ନେଇ ଘଣ୍ଟ, ଛତା, କାହାଳୀ ସହିତ ଜୟ ବିଜୟ ଦ୍ୱାର ନିକଟକୁ ଯାଇଥାଆନ୍ତି । ପୂର୍ବରୁ ଭୋଗ ମଣ୍ଡପ ଶେଷ ହେବା ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ଶ୍ରୀମଦନମୋହନ ଜୟବିଜୟ ଦ୍ୱାରଠାରେ ବିଜେ କରିଥାଆନ୍ତି । ସେଠାରେ ପୁରାଣ ପଣ୍ଡା, ପୂଜାପଣ୍ଡା ଓ ପାଳିଆ ଖୁଣ୍ଟିଆ ଥାଇ ବଚନିକା ହୋଇଥାଏ । ଏହାପରେ ଶ୍ରୀମଦନମୋହନ ସାତପାହାଚ ତଳେ ରଖାଯାଇଥିବା ରଥରେ ବିରାଜମାନ କରି ବିମଳାଙ୍କ ମନ୍ଦିର ନିକଟକୁ ଯାଇଥାଆନ୍ତି । ଏହାପରେ ମହାଲକ୍ଷ୍ମୀଙ୍କ ମନ୍ଦିରରୁ ଶ୍ରୀଦେବୀ, ମା' ବିମଳାଙ୍କ ମନ୍ଦିରକୁ ଗମନ କରିଥାଆନ୍ତି । ଏଠାରେ ମା' ବିମଳାଙ୍କ ପୂଜା ଶେଷ ହେବାପରେ ତାଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ସେହି ମନ୍ଦିରରୁ ବାହାରକୁ ଆସିବା ସମୟରେ ଶ୍ରୀମଦନମୋହନ ଶ୍ରୀଦେବୀଙ୍କୁ ହରଣ କରିଥାନ୍ତି । ଏହି ବିଧିଟି ଭିତରଛ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ଏହାପରେ ଦେବୀ ସରସ୍ୱତୀଙ୍କ ଦେଉଳ ଆଗରେ ଶିଶୁପାଳଙ୍କ ସହ ଯୁଦ୍ଧ ହୁଏ । ଠାକୁର ଶିଶୁପାଳକୁ ପରାସ୍ତ କରି ରଥରେ ବାନ୍ଧି ଦିଅନ୍ତି । ଏହାପରେ ଦକ୍ଷିଣି ଘରୁ ଶ୍ରୀବଳଦେବ ବିମାନରେ ବିଜେ ହୋଇ ଆସି ଶିଶୁପାଳକୁ ବନ୍ଧନରୁ ମୁକ୍ତ କରାଇ ପୁନଶ୍ଚ ଦକ୍ଷିଣି ଘରକୁ ବାହୁଡ଼ିଯା'ନ୍ତି । ଶ୍ରୀଦେବୀ ଓ ମଦନମୋହନ ବାଟରେ ପନ୍ତିଭୋଗମାନ ମଣୋହି କରି ବିବାହ ନିମନ୍ତେ ବିବାହ ମଣ୍ଡପରେ ବିଜେ ହୁଅନ୍ତି । ଭିତରେ ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ବିବାହ ମଣ୍ଡପରେ ଠାକୁର ଠାକୁରାଣୀଙ୍କ ବିବାହ ନୀତି ଅନୁଷ୍ଠିତ ହୋଇଥାଏ । ଏହିପରି ଭାବରେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ରୁକ୍ମିଣୀ ହରଣ ନୀତି ପାଳିତ ହୋଇଥାଏ । ଏହିଦିନ ଭିତର ଚନ୍ଦନ ଯାତ୍ରାକାଳୀନ ଜଳକ୍ରୀଡ଼ା ଉତ୍ସବ ବିଧି ଅନୁଯାୟୀ ଭିତର ବେଢ଼ାସ୍ଥ ଜଳକ୍ରୀଡ଼ା ମଣ୍ଡପରେ ଅନୁଷ୍ଠିତ ହୋଇଥାଏ । ଏହି ଦିନ ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ଓ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିବାରୁ ଶ୍ରୀମଦନମୋହନ ଓ ଶ୍ରୀଦେବୀ ଜଳକ୍ରୀଡ଼ା ଉତ୍ସବରେ ବିଜେ ନହୋଇ କେବଳ ଶ୍ରୀଦୋଳଗୋବିନ୍ଦ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ବିଜେ କରନ୍ତି । ଏହି ଦିନ ଅନ୍ୟାନ୍ୟ ନୀତି ବଢ଼ି ଦକ୍ଷିଣିଘରେ ଭୋଗ ବଢ଼ିବା ପରେ ରୋଷଶାଳାରୁ ଯାତଭୋଗ ପାଇଁ ଭୋଗ ଛେକ ଶ୍ରୀଛାମୁକୁ ଆସେ । ଭୋଗ ବଢ଼ାଯିବା ପରେ ଦକ୍ଷିଣି ଘରୁ ଶ୍ରୀଦୋଳଗୋବିନ୍ଦ ମହାଜନ ସେବକଙ୍କ ହାତରେ ଆସି ରତ୍ନ ସିଂହାସନରେ ବିଜେ ହୁଅନ୍ତି । ଏହାପରେ ପଞ୍ଚୋପଚ଼ାର ବିଧିରେ ଭୋଗ ବଢ଼ି ପାଣି ପଡ଼ିବା ପରେ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଶ୍ରୀଦୋଳଗୋବିନ୍ଦଙ୍କୁ ଆଜ୍ଞାମାଳ ପ୍ରଦାନ କରିବା ପରେ ମହାଜନ ସେବକ ଘଣ୍ଟ, ଛତା, କାହାଳୀ ସହ ଝୁଲଣମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାନ୍ତି । ବିମାନବଡୁ ସେବକମାନେ ପାଲିଙ୍କିକୁ ଜଳକ୍ରୀଡ଼ା ମଣ୍ଡପ ନିକଟକୁ ନିଅନ୍ତି । ମହାଜନ ସେବକମାନେ ଠାକୁରଙ୍କୁ ଜଳକ୍ରୀଡ଼ା କୁଣ୍ଡରେ ବିଜେ କରାନ୍ତି । ମୁଦିରସ୍ତ ସେବକ ରୂପା ପିଙ୍ଗଣରେ ଥିବା ଚନ୍ଦନ ଓ ହଳଦୀପାଣିକୁ ପିଚକାରୀରେ ଶ୍ରୀଦୋଳଗୋବିନ୍ଦଙ୍କ ଶ୍ରୀପୟରକୁ ଧୌତ କରନ୍ତି । ଆସ୍ଥାନ ପ୍ରତିହାରୀ ଜଳକ୍ରୀଡ଼ା ମଣ୍ଡପରେ ଟେରା ବାନ୍ଧନ୍ତି । ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ପଞ୍ଚୋପଚ଼ାରରେ ଶୀତଳଭୋଗ ମଣୋହି କରନ୍ତି । ମୁଦିରସ୍ତଙ୍କ ଦ୍ୱାରା ବନ୍ଦାପନା ନୀତି ବଢ଼ିବା ପରେ ଶ୍ରୀଦୋଳଗୋବିନ୍ଦ ଜଳକୁଣ୍ଡରୁ ବାହାରିବା ପରେ ମହାଜନ ସେବକମାନେ ମାଜଣା ଓ ବେଶ କରନ୍ତି । ଠାକୁର ପାଲିଙ୍କିକୁ ବିଜେ ହେବା ପରେ ଶ୍ରୀମନ୍ଦିରକୁ ଗୋଟିଏ ଘେରା ବୁଲି ସାତପାହାଚ ଦେଇ ଗରୁଡ଼ ସ୍ତମ୍ଭ ନିକଟକୁ ଯା'ନ୍ତି । ଏହାପରେ ମହାଜନ ସେବକମାନେ ଠାକୁରଙ୍କୁ ଦକ୍ଷିଣି ଘରକୁ ନେଇଥାନ୍ତି । ଚ଼ନ୍ଦନଯାତ୍ରା ଅବସରରେ ଅନୁଷ୍ଠିତ ହେଉଥିବା ଚ଼ରିଥର ଜଳକ୍ରୀଡ଼ା ମଧ୍ୟରୁ କେବଳ ରୁକ୍ମିଣୀ ହରଣ ଏକାଦଶୀ ଦିନ ଶ୍ରୀଦୋଳଗୋବିନ୍ଦ ଜଳକ୍ରୀଡ଼ା ମଣ୍ଡପକୁ ଯାଇଥାଆନ୍ତି । ଅନ୍ୟ ଜଳକ୍ରୀଡ଼ାରେ ଶ୍ରୀମଦନମୋହନଙ୍କ ସହ ଶ୍ରୀଦେବୀ ଓ ଭୂଦେବୀ ଜଳକ୍ରୀଡ଼ାକୁ ବିଜେ କରିଥାଆନ୍ତି ।

(କ୍ରମଶଃ)

*ଡକ୍ଟର ନରେଶ ଚ଼ନ୍ଦ୍ର ଦାଶ*

● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

*ଜାଣିବା କଥା ...*

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଛତା'ର ବ୍ୟବହାରିତା କ'ଣ ?

ଉ - ଛତ୍ର, ଛତି, ମଠ । ଏହା ତାଳପତ୍ର ବା କନାରେ ନିର୍ମିତ ଓ କେନ୍ଦ୍ରରେ ତଳଆଡ଼କୁ ଗୋଟିଏ ଦଣ୍ଡ ବା ବେଣ୍ଟ ଥିବା ଗୋଲାକାର ଶରୀରାବରଣ ବସ୍ତୁ । ପରିବ୍ରାଜକ ସାଧୁମାନେ ନିଜ ନିଜର ଆସ୍ଥାନ ଉପରେ ପୋତିଥିବା କନାର ବଡ଼ଛତା । ଦେବତା ବା ସମ୍ରାଟଙ୍କ ଅଧିକାର ଜ୍ଞାପକ ଛତି । ଶ୍ରୀଜୀଉ ବେଢ଼ା ପରିକ୍ରମା କରିବା ସମୟରେ କିମ୍ୱା ମନ୍ଦିର ବାହାରକୁ ଯିବାକୁ ହେଲେ ଘଣ୍ଟ, କାହାଳୀ, ଛତ୍ର, ଛତି ଧରି ଯାତ୍ରା କରିଥାଆନ୍ତି ।

୨. ପ୍ର - ଶ୍ରୀମନ୍ଦିରରେ 'ଛତାର ସେବକ' କ'ଣ ଗୁରୁତ୍ୱ ବହନ କରିଥାଆନ୍ତି ?

ଉ - ଠାକୁର ବିଜେ ହେବା ସମୟରେ ଛତା ଧରି ଠିଆ ହେଉଥିବା ସେବକ । ଏହି ସେବକଙ୍କୁ ଛତାର ସେବକ କୁହାଯାଏ । ନିତ୍ୟ ବଡ଼ସିଂହାର, ପହୁଡ଼, ଆଳତି ସମୟେ ଶୟନ ଠାକୁରଙ୍କ ନିକଟରେ ଛତି ଧରି ଠିଆ ହୁଅନ୍ତି । ପହୁଡ଼ ଆଳତି ପରେ ବିଜେ ସମୟରେ ଭିତରକୁ ବିଜେ କରି ଛତି ଭଣ୍ଡାର ଦ୍ୱାରେ ରଖନ୍ତି । ପ୍ରତି ବାହାର ଓ ଭିତର ବିଜେ, ବେଢ଼ା, ସର୍ବାଙ୍ଗ, ଚନ୍ଦନ ବିଜେ, ସ୍ନାନ ପୂର୍ଣ୍ଣିମାରେ ଜଳ ଆଣିବା, ଜଳ ବିଜେ ସମୟରେ ଓ ଅନ୍ୟ ଯେଉଁ ସମୟରେ କାହାଳୀ ବାଜେ, ସେ ସମୟରେ ଛତି ଧରନ୍ତି । ରାଜାଙ୍କ ବିଜେ କାଳରେ ସିଂହଦ୍ୱାର ଠାରୁ ଛତି ସେବା କରନ୍ତି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଯାନି-ଯାତ୍ରାମାନଙ୍କରେ ମଧ ଛତି ସେବା କରିଅଛନ୍ତି ।

୩. ପ୍ର - ଶ୍ରୀମନ୍ଦିରରେ 'ଛତିଶା ନିଯୋଗ ନାଏକ' କ'ଣ ଗୁରୁତ୍ୱ ବହନ କରିଥାଆନ୍ତି ?

ଉ - ପାଟଯୋଶୀ ମହାପାତ୍ର ଛତିଶା ନିଯୋଗ ନାଏକ ଭାବେ ପ୍ରତ୍ୟହ ମଙ୍ଗଳ ଆଳତି ପୂର୍ବରୁ ବେହେରଣକୁ ଆସି ଶ୍ରୀବିଗ୍ରହଙ୍କ ନୀତି ଓ ସେବା ସୂଚ଼ରୁ ରୂପେ ପରିଚ଼ଳନା କରିଥାଆନ୍ତି । କାର୍ଯ୍ୟ ନୀତି ବା ସେବାରେ କୌଣସି ତ୍ରୁଟି ହେଲେ କର୍ତ୍ତୃପକ୍ଷଙ୍କୁ ଜଣାଇଥାନ୍ତି ।

୪. ପ୍ର- ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ 'ଛାଚିପାନ' କହିଲେ କ'ଣ ବୁଝାଯାଏ ?

ଉ- ଏହା ଏକ ପ୍ରକାର ସୁଗନ୍ଧି ପାନ । ମକର ସଂକ୍ରାନ୍ତି ଦିନ ଶ୍ରୀଜୀଉଙ୍କ ପାଖରେ ଲାଗି କରାଯାଏ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

# କୋଟି ଲାବଣ୍ୟ ନିଧିରେ ପଦ୍ମ ତୁହି

ଫୁଲଟିଏ ସମସ୍ତଙ୍କର ପ୍ରିୟ । ସବୁଜ ବୃକ୍ଷ ଡାଳରେ ଫୁଟିଥିବା ଫୁଲଟିଏ ଦେଖିବାକୁ ଯେପରି ସୁନ୍ଦର ସେହିପରି ସୁଗନ୍ଧଯୁକ୍ତ । ଚମ୍ପା, ମଲ୍ଲି ଆଦି ଫୁଲର ମହକରେ ଚଉଦିଗ ମହକି ଉଠେ । ମାତ୍ର ଜଳ ମଧ୍ୟରେ ପୁଷ୍କରିଣୀରେ ଫୁଟିଥିବା ପଦ୍ମଫୁଲ ତାର ଶୋଭା ପସରା ମେଲି ଦେଇଥାଏ । ସେହି ଲାବଣ୍ୟ ଏବଂ ମହକରେ ବିମୋହିତ କବି ଗାଇ ଉଠେ ସଂସାରରେ ସବୁଠାରୁ ସୁନ୍ଦର ଏବଂ ମଧୁର ହେଉଛି ପଦ୍ମଫୁଲ ।

‘କୋଟି ଲାବଣ୍ୟ ନିଧିରେ ପଦ୍ମ ତୁହି
କି ଅମୃତେ ତୋ ତନୁ ଗଢ଼ିଲା ବିହି ?’



ପଦ୍ମଫୁଲରେ ମହାପ୍ରଭୁଙ୍କର ବଡ଼ ଶରଧା । ଭକ୍ତମାନେ ମହାପ୍ରଭୁଙ୍କ ମୁଖକୁ ପଦ୍ମମୁଖ, ପଦ୍ମଯୁଗଳକୁ ପଦ୍ମପାଦ ବୋଲି ବର୍ଣ୍ଣନା କରିବାକୁ ଉଚିତ୍ ମଣିଛନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁ ପ୍ରତିବର୍ଷ ମାଘ ମାସ ଅମାବାସ୍ୟା ଠାରୁ ଶୁକ୍ଳ ପଞ୍ଚମୀ ମଧ୍ୟରେ ପ୍ରଥମ ବୁଧବାର ବା ଶନିବାର ଦିନ ପଦ୍ମବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାଆନ୍ତି । ମହାପ୍ରଭୁଙ୍କର ବସ୍ତ୍ର ଆଭରଣର ଅଭାବ ନାହିଁ । ରତ୍ନ ଭଣ୍ଡାରରେ ରତ୍ନ ଅଳଙ୍କାର ଭର୍ତ୍ତି ହୋଇ ରହିଛି । ତାକୁ ପିନ୍ଧିବା ପରେ ପଦ୍ମଫୁଲରେ ସଜାଇ ହେବାର ମମତା ଜନ୍ମିଲା କାହିଁକି ? କାରଣ ସେ ହେଉଛନ୍ତି ଭକ୍ତର ଭଗବାନ । ଶ୍ରଦ୍ଧାରେ ଭକ୍ତ ଯାହା ସମର୍ପଣ କରିବ ତାକୁ ସେ ଅତି ଆଦରରେ ଗ୍ରହଣ କରିବେ । ଭକ୍ତର ମନୋବାଞ୍ଛା ପୂରଣ କରିବେ । ଆଜକୁ ବହୁବର୍ଷ ପୂର୍ବେ ବଡ଼ଛତା ମଠରେ ମହନ୍ତ ମହାରାଜ ଶ୍ରୀ ରଘୁବର ଦାସ ସପ୍ତଦଶ ଶତାବ୍ଦୀରେ ମହାପ୍ରଭୁଙ୍କୁ ପ୍ରଥମ ପଦ୍ମବେଶ କରାଇଥିଲେ । ସେହିଦିନ ଠାରୁ ପ୍ରତିବର୍ଷ ନିର୍ଦ୍ଧାରିତ ତିଥିରେ ମହାପ୍ରଭୁ ପଦ୍ମବେଶ ହୋଇ ବଡ଼ସିଂହାର ବେଶରେ ରାତ୍ର ପହୁଡ଼ ହୁଅନ୍ତି । ଭକ୍ତମାନେ ବିଳମ୍ବିତ ରାତ୍ରିରେ ଏବଂ ପରଦିନ ସକାଳେ ମହାପ୍ରଭୁଙ୍କୁ ପଦ୍ମ ବେଶରେ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥାଆନ୍ତି । ବହୁ ବର୍ଷ ପୂର୍ବେ ମହାପ୍ରଭୁଙ୍କୁ ଶ୍ରଦ୍ଧାରେ ପଦ୍ମଫୁଲ ସମର୍ପିଥିବା ଭକ୍ତ ହେଉଛନ୍ତି ଶ୍ରୀ ମନୋହର ଦାସ । ସେ ମହାପ୍ରଭୁଙ୍କର ଜଣେ ଅନ୍ତରଂଗ ଭକ୍ତ ଏବଂ ସନ୍ଥ ମହାତ୍ମା । ସୁଦୂର ଦାକ୍ଷିଣାତ୍ୟରୁ ସେ ପଦଯାତ୍ରା କରି ପୁରୀ ଆସୁଥିଲେ । ବାଟରେ ଦେଖିଲେ ପୁଷ୍କରିଣୀର ଜଳ ମଧ୍ୟରେ ସୁନ୍ଦର ପଦ୍ମ ଫୁଲ ଫୁଟିଛି । ସେ ଜଳ ମଧ୍ୟରେ ପ୍ରବେଶ କରି ପଦ୍ମ ଫୁଲଗୁଡ଼ିଏ ସଂଗ୍ରହ କଲେ ଏବଂ ଆପଣା ଗାମୁଛାରେ ଗଣ୍ଠିଲି କରି ଧରିଲେ । ପୁରୀରେ ପହଞ୍ଚିବା ବେଳକୁ ଫୁଲଗୁଡ଼ିକ ମଉଳି ଯାଇଥିଲା ଏବଂ ଗାମୁଛାଟି ମଧ ପୁରୁଣା ଥିଲା । ସଂଧ୍ୟାବେଳେ ମନୋହର ଆସି ସିଂହ ଦ୍ୱାରରେ ପହଞ୍ଚିଲେ ଏବଂ ଜଣେ ଶିଙ୍ଗାରୀ ସେବାୟତଙ୍କୁ ଅନୁରୋଧ କଲେ ପଦ୍ମ ଫୁଲଗୁଡ଼ିକୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିଦେବା ପାଇଁ । ମଉଳା ଫୁଲ ଏବଂ ପୁରୁଣା ଗାମୁଛା ଦେଖି ସେବକ କହିଲେ ଏ ଫୁଲ ମହାପ୍ରଭୁଙ୍କ ପିନ୍ଧିବା ଯୋଗ୍ୟ ନୁହେଁ । କେତେ କେତେ ସଜଫୁଲ ସୁନ୍ଦର ଭାବେ ସଜାହୋଇ ପ୍ରତିଦିନ ବଡ଼ଦେଉଳକୁ ଆସୁଛି । ତୁମର ପୁରୁଣା ଗାମୁଛାରେ ବନ୍ଧା ହୋଇଥିବା ବାସିଫୁଲ ମହାପ୍ରଭୁ ଗ୍ରହଣ କରିବେ ନାହିଁ । ତାକୁ ଏଇଠାରେ ଫିଙ୍ଗିଦିଅ । ଗାମୁଛାରେ ବନ୍ଧା ହୋଇଥିବା ପଦ୍ମ ଫୁଲଗୁଡ଼ିକୁ ସେବକ ଜଣକ ସେହିଠାରେ ଫିଙ୍ଗିଦେଲେ । ଭକ୍ତ ମନୋହର ଏ ଦୃଶ୍ୟ ଦେଖି ବଡ଼ଛତା ମଠ ସାମନାରେ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ମହାପ୍ରଭୁ ରତ୍ନ ସିଂହାସନରେ ଥୟ ଧରି ରହିପାରିଲେ ନାହିଁ । ଚିରା ଗାମୁଛା କାନିରେ ବଂଧା ଦରିଦ୍ର ଭକ୍ତ ସୁଦାମାର ଖୁଦ ଭଜାକୁ ଆଗ୍ରହରେ ଗ୍ରହଣ କରିଥିବା ମହାପ୍ରଭୁ ଗଜପତି ମହାରାଜାଙ୍କୁ ସ୍ୱପ୍ନାଦେଶ ଦେଲେ । ଆମ୍ଭ ଭକ୍ତ ଶ୍ରଦ୍ଧାରେ ଆଣିଥିବା ପଦ୍ମଫୁଲକୁ ଶୀଘ୍ର ଆଣିବା ପାଇଁ ବ୍ୟବସ୍ଥା କର । ଆମ୍ଭେ ସେହି ଫୁଲରେ ପଦ୍ମବେଶ ହୋଇ ସମସ୍ତ ଭକ୍ତଙ୍କୁ ଦର୍ଶନ ଦେବୁ । ଗଜପତି ମହାରାଜାଙ୍କର ନିଦ ଭାଙ୍ଗିଗଲା । ସେ ଆଦେଶ ଦେଲେ ମନୋହର ଦାସ ଆଣିଥିବା ପଦ୍ମ ଫୁଲଗୁଡ଼ିକୁ ମହାପ୍ରଭୁଙ୍କ ବେଶ ପାଇଁ ପଠାଇ ଦେବାକୁ । ଗଜପତିଙ୍କ ଆଦେଶରେ ପଦ୍ମ ଫୁଲଗୁଡ଼ିକ ଅଣାଗଲା ଏବଂ ମହାପ୍ରଭୁ ରାତ୍ରିର ବିଳମ୍ବିତ ପ୍ରହରରେ ବଡ଼ସିଂହାର ବେଶ ସହିତ ପଦ୍ମ ବେଶ ହୋଇ ଉଭା ହେଲେ । ମହାପ୍ରଭୁଙ୍କ ଶିରରେ, ହସ୍ତରେ, ହୃଦୟରେ, କଟି ଦେଶରେ ଏବଂ ପାଦପଦ୍ମ ଯୁଗଳରେ ପଦ୍ମଫୁଲ ଖଂଜି ଦିଆଗଲା । ପଦ୍ମନାଭ ପଦ୍ମବେଶ ଧରି ଭକ୍ତମାନଙ୍କୁ ଦର୍ଶନ ଦେଲେ । ଏ ଦୃଶ୍ୟ ଦେଖି ଭକ୍ତ ମନୋହର ଦାସ ଭାବ ବିହ୍ୱଳ କଣ୍ଠରେ ପ୍ରାର୍ଥନା କରିଥିଲେ ହେ ମହାପ୍ରଭୁ ! ଏହି ବେଶରେ ବର୍ଷକରେ ଗୋଟିଏ ଦିନ ଆପଣ ଭକ୍ତମାନଙ୍କୁ ଦର୍ଶନ ଦେବେ । ମହାପ୍ରଭୁ ଭକ୍ତର ପ୍ରାର୍ଥନା ଶୁଣିଥିଲେ । ଆଜିଯାଏଁ ମହାପ୍ରଭୁ ‘ପଦ୍ମବେଶ’ ହେଉଛନ୍ତି ଏବଂ ଶ୍ରଦ୍ଧାଳୁ ଭକ୍ତ ପଦ୍ମଫୁଲ ସଂଗ୍ରହ କରି ଯୋଗାଇ ଦେଉଛନ୍ତି ।

*ଶ୍ରୀ ଶଂକର୍ଷଣ ମଂଗରାଜ*
*(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*
*ମଂଗଳାଘାଟ ରୋଡ଼, ପୁରୀ-୧*

## ଅଗଷ୍ଟ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୨୫.୮.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ |
| ତା. ୨୬.୮.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଆରମ୍ଭ |
| ତା. ୨୭.୮.୨୩ ରିଖ ରବିବାର | ପୁତ୍ରଦା ଏକାଦଶୀ |
| ତା. ୩୧.୮.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ |

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri**
@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri ମୂଲ୍ୟ : ଦୁଇଟଙ୍କା ମାତ୍ର